Sakala

DT: 14th December, 2024

# ମହାକବି ଭାରତୀଙ୍କ ପୁସ୍ତକ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ





ଭୁବନେଶ୍ୱର,୧୩ା୧୨(ସମିସ): ତାମିଲ ମହାକବି ସୁବ୍ରମାଣ୍ୟମ୍ ଭାରତୀଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ଲିଖିତ ଶେଷ ୨୩ଖଣ୍ଡ ପୁସ୍ତକକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକାର୍ପଣ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପିତ ହୋଇଥିବା ଏହି ପୁସ୍ତକଗୁଡ଼ିକ ତାଙ୍କର ଶ୍ରେଷ୍ଠ କୃତି କାଲା ଭରିସାଇଲ୍ ଭାରତୀ ପାଦାଇପ୍ପୁକଲ୍ ନାମକ ପୁସ୍ତକର ଅଂଶବିଶେଷ। ଶିନି ବିଶ୍ୱନାଥନ୍‌ଙ୍କ ଦ୍ୱାରା ସଂକଳିତ ଓ ସମ୍ପାଦିତ ଏହି ପୁସ୍ତକରେ ୨୩ଟି ଭାଗ ରହିଛି।

କେନ୍ଦ୍ର ସାହିତ୍ୟ ଏକାଡେମୀ ସହାୟତାରେ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀର ସଚିବ ଡଃ କେ ଶ୍ରୀନିବାସ ରାଓ ପୁସ୍ତକର ବିଭିନ୍ନ ଖଣ୍ଡଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, କେନ୍ଦ୍ର ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଲ୍ ମୁରୁଗାନ୍, ସଂସ୍କୃତି ମନ୍ତ୍ରଣାଳୟର ସଚିବ ଅରୁଣିଶ୍ ଚାୱଲା ଓ ପୁସ୍ତକର ସଂକଳକ ତଥା ସମ୍ପାଦକ ଶିନି ବିଶ୍ୱନାଥନ୍ ଉପସ୍ଥିତ ଥିଲେ। ଏହି ଅବସରରେ ପୁସ୍ତକର ପ୍ରକାଶକ ଶ୍ରୀ ବିଶ୍ୱନାଥନଙ୍କ ଷାଠିଏ ବର୍ଷର କଠିନ ପରିଶ୍ରମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ତାଙ୍କର କାର୍ଯ୍ୟ ସାହିତ୍ୟ ଜଗତରେ ଏକ ମାଇଲଖୁଣ୍ଟ ଭାବରେ ଗଣା ହେବ ବୋଲି କହିଥିଲେ।

-End of Document-